# NATIONAL NEWS BULLETIN (ODIA)

**28 October- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସାମୁଦ୍ରିକ ଝଡ଼ ମୋନ୍ଥା ଆଜି ସନ୍ଧ୍ୟାରେ କାକିନାଡାଠାରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା

–ପ୍ରଭାବରେ ଆନ୍ଧ୍ରପ୍ରଦେଶ, ଓଡ଼ିଶାର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ଜାରି

- ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ଲାଗି ତୁରନ୍ତ ଏବଂ ଦୃଢ଼ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି

- ବିହାରରେ ବିଧାନସଭା ଲାଗି ନିର୍ବାଚନ ପ୍ରଚାର ଜୋରସୋର

ଏବଂ

- ଦେଶର ରପ୍ତାନୀ ସାମଗ୍ରୀ ମଧ୍ୟରେ ଇଲେକ୍‌ଟ୍ରୋନିକ୍ସ ଉପକରଣ ତୃତୀୟସ୍ଥାନରେ ରହିଥିବା ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ

## ସାଇକ୍ଲୋନ୍

ବଙ୍ଗୋପସାଗର ଉପରେ ସୃଷ୍ଟ ସାମୁଦ୍ରିକ ଘୂର୍ଣ୍ଣିଝଡ଼ 'ମୋନ୍ଥା' ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତ ୬ ଘଣ୍ଟା ହେବ ଘଣ୍ଟା ପ୍ରତି ୧୨ କିଲୋମିଟର ବେଗରେ ସ୍ଥଳପଥ ଆଡ଼କୁ ଅଗ୍ରସର ହେଉଛି । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏବେ ସାମୁଦ୍ରିକ ଘୂର୍ଣ୍ଣିଝଡ଼ ମୋନ୍ଥା ମଛଲିପଟନମ୍‌ଠାରୁ ୧୬୦ କିଲୋମିଟର,

କାକିନାଡାଠାରୁ ୨୪୦ କିଲୋମିଟର, ବିଶାଖାପଟନମ୍‌ଠାରୁ ୩୨୦ କିଲୋମିଟର ଏବଂ ଗୋପାଳପୁରଠାରୁ ୫୩୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ରହିଛି । ଶୁଣନ୍ତୁ ଏ ସଂପର୍କରେ ଆମର ଏକ ରିପୋର୍ଟ :

ସାମୁଦ୍ରିକ ଝଡ଼ ମନ୍ଥା ଭୀଷଣ ବାତ୍ୟାରେ ପରିଣତ ହୋଇଛି । ଆଜି ସନ୍ଧ୍ୟାରୁ ରାତି ମଧ୍ୟରେ ଏହା ଆନ୍ଧ୍ର ଉପକୂଳ ଅତିକ୍ରମ କରି କାକିନାଡ଼ା ନିକଟରେ ସ୍ଥଳଭାଗ ଛୁଇଁବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୯୦ରୁ ୧୦୦ କିଲୋମିଟର ରହିବାର ସମ୍ଭାବନା ଥିବା ବେଳେ ଝଟ୍‌କା ପବନ ୧୧୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବ । ପାଣିପାଗ ବିଭାଗ ପକ୍ଷରୁ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଏବଂ କଳାହାଣ୍ଡି ଜିଲ୍ଲାକୁ ଏଥିଲାଗି ରେଡ୍ ଓ୍ୱାର୍ଣ୍ଣିଂ ଦିଆଯାଇଥିବା ବେଳେ ଗୋପାଳପୁର ବନ୍ଦର ପାଇଁ ୩ ନମ୍ବର ବିପଦ ସଂକେତ ଏବଂ ଅନ୍ୟ ବନ୍ଦର ପାଇଁ ୨ ନମ୍ବର ବିପଦ ସଂକେତ ଦିଆଯାଇଛି । ଏ ସଂପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି :

**V/O**

ଆଜି ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମୁଦ୍ରିକ ଝଡ଼ ମୋନ୍ଥାର ମୁକାବିଲା ନିମନ୍ତେ ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି:

## V/O (CM)

ବୈଠକରେ ଯୋଗଦେଇ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ' ରାଜ୍ୟ ସରକାର ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## V/O (Suresh Pujari)

ସମ୍ଭାବ୍ୟ ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ମୁଖ୍ୟଶାସନ ସଚିବ, ଉନ୍ନୟନ ସଚିବ ଏବଂ ଅନ୍ୟ ବିଭାଗୀୟ ସଚିବମାନେ ବୈଠକରେ ଯୋଗ ଦେଇଥିଲେ ।

ଗତ ୨୪ ଘଣ୍ଟା ମଧ୍ୟରେ ସାମୁଦ୍ରିକ ଝଡ଼ ମୋନ୍ଥା ପ୍ରଭାବରେ ଗଞ୍ଜାମର ପାତ୍ରପୁରରେ ୧୨ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ଜିଲ୍ଲା ଗୋଷାଣୀଠାରେ ୧୧ ସେଣ୍ଟିମିଟର ବର୍ଷା ହୋଇଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀରେ ପ୍ରବଳ ବର୍ଷା ହେବା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

ସୂଚନା ଅନୁଯାୟୀ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ୫୮ରୁ ଅଧିକ ଟ୍ରଲର ଫସିରହିଥିବା ବେଳେ ସେଗୁଡ଼ିକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି । ଇତିମଧ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟାକୁ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା ଛତ୍ରପୁର ବ୍ଲକ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ୍ ସ୍ୱାଇଁ ଆକାଶବାଣୀକୁ କହିଛନ୍ତି:

## V/O (Sambit Sangramjit)

ମୋନ୍ଥା ପ୍ରଭାବରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍, ବିଜୟନଗରମ୍, ବିଶାଖାପଟନମ୍, ଅନାକାପଲୀ, ପୂର୍ବ ଗୋଦାବରୀ, କୋନାସୀମା, କାକିନାଡା, କ୍ରୀଷ୍ଣା, ନେଲୋର ଏବଂ ପ୍ରକାଶମ୍ ଜିଲ୍ଲାରେ ପବନ ବହିବା ସହ ପ୍ରବଳ ବର୍ଷା ଜାରି ରହିଛି । ଘୂର୍ଣ୍ଣିଝଡ଼ରେ ୧୪ଶହ ଗ୍ରାମ ଏବଂ ୪୪ଟି ସହର ପ୍ରଭାବିତ ହେବାର ଆଶଙ୍କା କରାଯାଉଛି । କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶାଖାପଟନମ୍, ଆନାକାପଲୀ ଏବଂ ପଶ୍ଚିମ ଗୋଦାବରୀ  ସମେତ ଅନେକ ଅଞ୍ଚଳରେ ସତର୍କ ସୂଚନା ଜାରୀ କରାଯାଇଛି । ଏହି ସବୁ ଅଞ୍ଚଳରେ ଦୁଇଦିନ ପାଇଁ ସ୍କୁଲ୍ ଓ କଲେଜ ବନ୍ଦ ରଖାଯାଇଛି । ଟ୍ରେନ୍ ଏବଂ ବିମାନ ସେବାକୁ ମଧ୍ୟ ବାତିଲ କରାଯାଇଛି ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ସାଟେଲାଇଟ୍ ଫୋନ୍ ଏବଂ ମୋବାଇଲ୍ ଟାୱାର ଗୁଡ଼ିକ ମାଧ୍ୟମରେ ନିରନ୍ତର ଯୋଗାଯୋଗ ବଜାୟ ରଖିବା ଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଘୂର୍ଣ୍ଣିବାତ୍ୟା ସଂପର୍କରେ ଆଲୋଚନା କରିବା ସହ ରାଜ୍ୟକୁ ସମସ୍ତ ସହାୟତା ଯୋଗାଇଦେବା ଲାଗି ପ୍ରତିଶ୍ରୁତି ଦେଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା

## ପ୍ରେଜ୍-ଆଇଏସ୍ଏ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା ଲାଗି ତୁରନ୍ତ ଏବଂ ଦୃଢ଼ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥାଏ ବୋଲି ରାଷ୍ଟ୍ରପତି

କହିଛନ୍ତି । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ଅଷ୍ଟମ ଆନ୍ତର୍ଜାତିକ ସୌରଶକ୍ତି ମେଣ୍ଟ ସମାବେଶରେ-ଆଇଏସ୍‌ଏ ରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଜଳବାୟୁ ପରିବର୍ତ୍ତନର ମୁକାବିଲା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି । ଏ ଦିଗରେ ଭାରତ ତା'ର ସିଦ୍ଧାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଛି । ସୂର୍ଯ୍ୟ ଜୀବନ ଏବଂ ଶକ୍ତିର ଆଧାର ହୋଇଥିବାରୁ ଏହା ଭାରତ ଏବଂ ସମଗ୍ର ବିଶ୍ୱର ସଭ୍ୟତାର ପରିମାପକ ବୋଲି ସେ କହିଛନ୍ତି ।

କେନ୍ଦ୍ର ନବୀକରଣ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଆଇଏସ୍‌ଏର ମହାନିର୍ଦ୍ଦେଶକ ଆଶିଷ ଖାନ୍ନା ଏବଂ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସୌରଶକ୍ତିର ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ । ୪ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ୧୨୪ଟି ଦେଶର ୪୦ରୁ ଅଧିକ ମନ୍ତ୍ରୀ ଏବଂ ପ୍ରତିନିଧି ଯୋଗ ଦେଇଛନ୍ତି ।

## ବିହାର-ଇଲେକ୍ସନ

ବିହାରରେ ବିଧାନସଭା ଲାଗି ନିର୍ବାଚନ ପ୍ରଚାର ଜୋରସୋରରେ ଚାଲିଛି । ଆସନ୍ତାମାସ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ । ଏନ୍‌ଡିଏ ଏବଂ ମହାଗଠବନ୍ଧନ ଦଳର ନେତାମାନେ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ଯଥାସମ୍ଭବ ପ୍ରୟାସରେ ଲାଗିଛନ୍ତି । ବିଧାନସଭା ନିର୍ବାଚନ ପାଇଁ ମହାଗଠବନ୍ଧନ ପକ୍ଷରୁ ଆଜି ନିର୍ବାଚନ ଇସ୍ତାହାର ଜାରି ହେବାର କାର୍ଯ୍ୟସୂଚୀ ରହିଛି । ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି, ନିର୍ବାଚନ ମଣ୍ଡଳୀଗୁଡ଼ିକର ବିକାଶ ଉପରେ ଇସ୍ତାହାରରେ ଗୁରୁତ୍ୱ ପ୍ରଦାନ କରାଯିବ। ଏନ୍‌ଡିଏର ଲକ୍ଷ୍ୟ, କାର୍ଯ୍ୟସୂଚୀ

ଏବଂ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ନେଇ ଶ୍ରୀ ଯାଦବ ପ୍ରଶ୍ନ ଉଠାଇଛନ୍ତି । ଅପରପକ୍ଷରେ ଏଲ୍‌ଜେପି ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି, ଏନ୍‌ଡିଏ ଶାସନକୁ ଆସିଲେ ନିଜର କ୍ଷମତା ପ୍ରତିପାଦନ କରିବ ବୋଲି ଦଳ ବିଶ୍ୱାସ କରେ । ବିହାରର ପଞ୍ଚାୟତିରାଜ ମନ୍ତ୍ରୀ କେଦାରପ୍ରସାଦ ଗୁପ୍ତା କହିଛନ୍ତି ଏନ୍‌ଡିଏ ସରକାର ଅଧୀନରେ ବିହାର ଜନସାଧାରଣଙ୍କ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି ।

# ପିଏମ୍-ଛଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପବିତ୍ର ଛଟ୍ ପର୍ବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଆଜି ଛଟ୍ ପର୍ବର ଅନ୍ତିମ ଦିବସ । ଶ୍ରଦ୍ଧାଳୁମାନେ ଆଜି ସୂର୍ଯ୍ୟ ଦେବତାଙ୍କୁ ପ୍ରାତଃ ଅର୍ଘ୍ୟ ଅର୍ପଣ କରିଛନ୍ତି । ୪ ଦିନିଆ ଏହି ପାରମ୍ପରିକ ଉତ୍ସବକୁ ଜନସାଧାରଣ ଆନନ୍ଦ ଉଲ୍ଲାସର ସହ ପାଳନ କିଥାନ୍ତି ।

# ବୈଷ୍ଣବ-ଇଲେକ୍‌ଟ୍ରୋନିକ୍ସ

କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତର ସ୍ମାର୍ଟଫୋନ୍ ରପ୍ତାନୀ ପରିମାଣ ଗତମାସରେ ୧ଦଶମିକ ୮ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିବା ଆଜି ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶରୁ ରପ୍ତାନୀ ହେଉଥିବା ସମସ୍ତ ସାମଗ୍ରୀ ମଧ୍ୟରୁ ଇଲେକ୍‌ଟ୍ରୋନିକ୍ସ ଉପକରଣ ତୃତୀୟ ସର୍ବାଧିକ ସ୍ଥାନ ଅଧିକାର କରିଛି । ଇଲେକ୍‌ଟ୍ରୋନିକ୍ସ ଉପକରଣ

ନିର୍ମାଣର ଭିତ୍ତି ଭାରତରେ ରହିଛି । ଫଳରେ ଏହି କ୍ଷେତ୍ର ଆଗାମୀ ଦିନରେ ବହୁସଂଖ୍ୟାରେ ନୂତନ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ପିଏମ୍-ଭିବିଓ୍ୱାଇଏଲ୍‌ଡି

ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୁବଗୋଷ୍ଠୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନାର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ଦେଶର ଯୁବବର୍ଗଙ୍କ ପାଇଁ ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବାର ଏକ ବଡ଼ ସୁଯୋଗ । ଯୁବପିଢ଼ିଙ୍କ ଚିନ୍ତାଧାରା ଏବଂ ଅନ୍ତର୍ଦୃଷ୍ଟି ବିକଶିତ ଭାରତ ନିର୍ମାଣକୁ ପଥ ପ୍ରଶସ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆବେଦନ କରାଯାଇପାରିବ । ଆସନ୍ତା ଜାନୁଆରୀ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ଭିପି-ଭିଜିଟ୍

ସେଚେଲ୍‌ସର ନବନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ପତ୍ରିକ୍ ହାର୍ମିନ୍‌ଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବା ଲାଗି ଯାଇଥିବା ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ପ୍ରତ୍ୟାବର୍ତ୍ତନ କରି କୋଇମ୍ବାଟୁର୍‌ଠାରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ଗସ୍ତ କାଳରେ ଉପରାଷ୍ଟ୍ରପତି ସେଠାକାର ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ୍ ଏବଂ ଉପରାଷ୍ଟ୍ରପତି ସେବାଷ୍ଟିନ୍ ପିଲାଇଙ୍କ ସହ ସାକ୍ଷାତ ଆଲୋଚନା

କରିଥିଲେ । ସେ ସେଚେଲ୍‌ସ ସହ ଭାରତର ବିଭିନ୍ନ ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କରିଥିବା ଜଣାଯାଇଛି । ଭାରତ-ସେଚେଲ୍‌ସ ମଧ୍ୟରେ ଦ୍ୱିପାକ୍ଷିକ ଭାଗିଦାରୀ ସଂପର୍କକୁ ଅଧିକ ସୁଦୃଢ଼ କରିବା ଲାଗି ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଉପରାଷ୍ଟ୍ରପତି' ମରିଶସ୍‌ର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ସେଚେଲ୍‌ସଠାରେ ଭାରତର ବଂଶୋଦ୍ଭବ ସଦସ୍ୟମାନଙ୍କ ଏକ ସମାବେଶରେ ଯୋଗଦେଇ ଶ୍ରୀ ରାଧାକ୍ରିଷ୍ଣନ' ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଏବଂ ଜନସାଧାରଣଙ୍କ ମଧ୍ୟରେ ସଂପର୍କକୁ ଆଧିକ ଦୃଢ଼ୀଭୂତ କରିବା ଦିଗରେ ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ଭାରତ ଏବଂ ସେଚେଲ୍‌ସ' ଗଣତନ୍ତ୍ର ଏବଂ ବହୁବାଦର ନୈତିକ ମୂଲ୍ୟବୋଧ ଉପରେ ମତ ବିନିମୟ କରିଥିଲେ ।

---